# Akashvani, Sambalpur

## SAMBALPURI NEWS BULLETIN

### 22 September 2024- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ- ମୟୁର୍‌ଭଞ୍ଜ୍     ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ମୟୁର୍‌ଭଞ୍ଜ୍ ଜିଲ୍ଲା ଗସ୍ତ ନ ଯାଉଛନ୍ । ଇ ଅବ୍‌ସରେ ଜିଲ୍ଲା ସଦର୍ ମହକୁମା ବାରିପଦା ଛଉ ପଡ଼ିଆ ନ ଆୟୋଜିତ୍ ବିକାଶ୍ ମେଳାକେ ଉଦ୍‌ଘାଟନ୍ କର୍‌ବେ । ଇତାର୍‌ସହେତେ ଜନସାଧାରଣ୍‌ଙ୍କୁ ଉଦ୍‌ବୋଧନ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇଥିର୍‌ଲାଗି ଛଉ ପଡ଼ିଆ ନ ସବୁ ପ୍ରକାର୍ ଆୟୋଜନ୍ ଶେଷ୍ ହେଇଛେ ।

ମୁଖ୍ୟମନ୍ତ୍ରୀ-ଜନଶୁଣାଣି     ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ନ ଲୋକ୍‌ମାନ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଜନଶୁଣାଣି କର୍‌ବେ । ଇଥିର୍‌ଲାଗି ଲୁକେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିକରି

ସେମାନ୍‌କର୍ ଅଭିଯୋଗ୍ ଶୁଣାଣି ଲାଗି ଆଗୁଆ ପଞ୍ଜିକରଣ୍ ବ୍ୟବସ୍ଥା ଜାରି ରହିଛେ । ଅଭିଯୋଗ୍ ଶୁଣାଣି ବ୍ୟବସ୍ଥା ସୁପରିଚାଲନା ଲାଗି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ପ୍ରସ୍ତୁତି ଜାରି ରହିଛେ ।

ଦିଲ୍ଲୀ-ନୂଆଖାଇ ଭେଟ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଦିଲ୍ଲୀର୍ ଜୁହାର୍ ପରିବାର୍ ୨ ଦିନିଆ ରୌପ୍ୟ ଜୟନ୍ତୀ ନୂଆଖାଇ ପରବ୍ ଗଲାକାଏଲ୍ ନୂଆଦିଲ୍ଲୀ ନ ମୁଲ୍ ହେଇଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ପ୍ରମୁଖ ସଚିବ ଡକ୍ଟର୍ ପ୍ରମୋଦ୍ କୁମାର୍ ମିଶ୍ର ଇ ପରବ୍‌କେ ଉଦ୍‌ଘାଟନ୍ କରିଥିଲେ । ଉପର୍‌ବେଲା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଇ ଉତ୍ସବ୍‌ଥି ଯୋଗ୍ ଦେଇକରି ନୂଆଖାଇ ଏଛେନ୍ ସାରାଦେଶେ ଓଡ଼ିଶାର୍ ନୂଆଁ ପରିଚୟ ତିଆର୍ କରିଛେ ଆର୍ ଗାଁ ନୁ ସହର୍ ଆଉ ଦେଶ୍‌ବିଦେଶ୍‌ଥି ଓଡ଼ିଆମାନେ ଇ ପର୍ବ ସାଙ୍ଗେ ଜୁଡ଼ି ହେବାର୍‌ଟା ଖୁସିର୍ ବିଷେ ବଲି କହିଥିଲେ । ଇ ଅବ୍‌ସରେ ବିଶିଷ୍ଟ ସଂଚାର୍ ଶିଳ୍ପୀ ଅଲେଖ ସାହୁଙ୍କୁ ଜୁହାର୍ ସମ୍ମାନ୍ ଆଉ ଲୋକନାଟ୍ୟ ଶିଳ୍ପୀ ଭୁବନ ଭୋଇଙ୍କୁ ଜୁହାର୍ ଅଟଲ୍ ସମ୍ମାନ୍‌ଥି ସମ୍ମାନିତ୍ କରାଯାଇଥିଲା । ବରଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତଙ୍କର୍ ସହେତେ ଦିଲ୍ଲୀର

ବହୁତ୍ ଉଚ୍ଚପଦାଧିକାରୀ ଆଉ ବିଶିଷ୍ଟ ବ୍ୟକ୍ତି ଇଥି ଯୋଗ୍ ଦେଇଥିଲେ ।

ସେନ୍ତା ବେଙ୍ଗ୍‌ଲୋର୍ ଜୁହାର୍ ପରିବାର୍‌ର ଆଏଜ୍ ରୌପ୍ୟ ଜୟନ୍ତୀ ଉତ୍ସବ୍ ପାଲନ୍ କରାଯାଉଛେ । ଇଥି ଓଡ଼ିଶାର୍ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଉ ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଜିଲ୍ଲାପାଲ୍ ସମ୍ମିଳନୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ର କନ୍‌ଭେନ୍‌ସନ୍ ସେଂଟର୍ ନ ଆଏବା ୨୭ ତାରିଖ୍ ଦିନ ଜିଲ୍ଲାପାଲ୍ ସମ୍ମିଳନୀ ହେବା । ମୁଖ୍ୟମନ୍ତ୍ରୀ ଆଉ ଦୁହି ଉପମୁଖ୍ୟମନ୍ତ୍ରୀ ଇଥି ଯୋଗ୍ ଦେବେ । ଇଥି ୩୦ ଟା ଜିଲ୍ଲାର୍ ଜିଲ୍ଲାପାଲ୍, ସବୁ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଆଉ କମିଶନର୍ ଆର୍ ଶାସନ୍ ସଚିବ ମାନେ ଉପସ୍ଥିତ୍ ରହେବେ ।

ସ୍କଚ୍ ଆୱାର୍ଡ଼ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶାର୍ ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ସମ୍ମାନ୍‌ସୂଚକ ସ୍କଚ୍ ଆୱାର୍ଡ଼ ପାଇଛେ । ନୂଆଦିଲ୍ଲୀ ଠାନେ ଗଲାକାଏଲ୍ ହେଇଥିବା ୯୯ ନମ୍ବର୍ ସ୍କଚ୍ ସମିଟ୍‌ଥି ବିଭାଗୀୟ ନିର୍ଦ୍ଦେଶକ୍ ନିୟତି ପଟ୍ଟନାୟକ୍, ଅତିରିକ୍ତ ଶାସନ୍ ସଚିବ ସନ୍ତୋଷ୍ କୁମାର୍ ପ୍ରଧାନ୍ ଆଉ ଆଇ.ଟି. କନ୍‌ସଲ୍‌ଟାଂଟ୍ ବିନିତ୍ କୁମାର୍ ପାତ୍ର ଇ ପୁରସ୍କାର୍ ଗ୍ରହଣ୍ କରିଛନ୍ ।

ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ୍        ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ପ୍ରଧାନ୍‌ମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ୍‌ର ଶୁଭାରମ୍ଭ କରିଥିବାର୍‌ନୁ ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ୍ ଜନେଇଛନ୍ । ଇ ଅଭିଯାନ୍‌ଥି ରାଜ୍ୟର୍ ୨୭ ଟା ଜିଲ୍ଲାର୍ ୨ ଶହ ୩୨ ଟା ବ୍ଲକ୍‌ର ୭ ହଜାର୍ ୬ ଶହ ୬୭ ଟା ଜନଜାତି ବହୁଲ ଗାଁର୍ ୧୦ ଲାଖ୍ ୮୫ ହଜାର୍ ୬ ଶହ ୬୧ ଟା ଜନଜାତି ପରିବାର୍ ଲାଭ୍ ପାଏବେ ।

ମଙ୍କିପକ୍ସ        ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ କେନ୍‌ସି ଲୋକ୍ ମଙ୍କିପକ୍ସ ରୋଗ୍‌ଥି ଆକ୍ରାନ୍ତ ନାଇଁ ହେଇ । ସେଥିର୍‌ଲାଗି ନାଇଁ ଡର୍‌ବାର୍‌କେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ । ଇ ବାବ୍‌ଦେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗୁଟେ ବୈଠକ୍ ହେଇଥିଲା । ବୈଠକ୍‌ଥି ଓଡ଼ିଶା ନ କେହି ଇ ରୋଗ୍‌ଥି ସଂକ୍ରମିତ ନାଇଁ ହେଇଥିଲେ ଭିଲ୍ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ପ୍ରସ୍ତୁତ୍ ରହେବାର୍‌କେ ସବୁ ଜିଲ୍ଲା ପ୍ରଶାସନ୍‌କେ ମାର୍ଗଦର୍ଶିକା ପଠାଯାଇଛେ ବଲି ସୂଚ୍‌ନା ମିଲିଛେ । ଏମ୍ସ ଭୁବ୍‌ନେଶ୍ୱର୍ ଠାନେ ଲେବ୍ ଟେଷ୍ଟିଂ ବ୍ୟବସ୍ଥା କରାଯାଇଥିବାର୍ ବେଲେ ଭୁବ୍‌ନେଶ୍ୱର୍ , ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍ ସହେତେ ପାରାଦ୍ୱୀପ୍, ଗୋପାଲ୍‌ପୁର୍, ଧାମ୍‌ରା ବନ୍ଦର୍ ଠାନେ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛେ ।

ଜିଲ୍ଲା ପରିଷଦ୍ ବୈଠକ          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଠାନେ ଜିଲ୍ଲା ପରିଷଦ୍ ବୈଠକ୍ ହେଇଯାଇଛେ । ପରିଷଦ୍‌ର ଅଧ୍ୟକ୍ଷା ପ୍ରଭାସିନୀ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା

ଇ ବୈଠକ୍‌ଥି ସର୍‌କାରୀ ଦଲର୍ ମୁଖ୍ୟ ସଚେତକ ଆଉ ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଯୋଗ୍ ଦେଇକରି ଅଧା ହେଇଥିବା ପ୍ରକଳ୍ପ ମାନ୍‌କେ ଜଲ୍‌ଦି ସାର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ । ବୈଠକ୍‌ଥି ପଂଚାୟତ୍‌ରାଜ୍ ବିଭାଗ୍ ସହେତେ ଭିନ୍ ଭିନ୍ ବିଭାଗୀୟ କାର୍ଯ୍ୟର୍ ସମୀକ୍ଷା କରାଯାଇଥିଲା । ବୈଠକ୍‌ଥି କଂଟାମାଲ୍ ବିଧାୟକ୍ କହ୍ନାଇ ଚରଣ୍ ଡାଙ୍ଗ, ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଜିଲ୍ଲା ପରିଷଦ୍ ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ୍‌ଙ୍କର୍ ସହେତେ ଜିଲ୍ଲା ପରିଷଦ୍ ସଦସ୍ୟ ଆଉ ବିଭାଗୀୟ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ପୋଷଣ ମାସ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ପୋଷଣ ମାସ ପାଲିତ୍ ହେଉଛେ । ଗଲାକାଏଲ୍ ସୁବର୍ଣ୍ଣପୁର୍ ସଦର୍ ବ୍ଲକ୍ ନ ଗୁଟେ ରେଲି ଆୟୋଜନ୍ କର୍‌ବାର୍ ସହେତେ ପୋଷଣ୍‌ଯୁକ୍ତ ପୁଷ୍ଟିକାର ସାମଗ୍ରୀ ନେଇକରି ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ୍ ହେଇଥିଲା । ଖାସ୍ କରି ଗର୍ଭବତୀ, ପ୍ରସୂତୀ ମହିଲାଙ୍କର୍ ସହେତେ ଛୁଆମାନ୍‌କର୍ ବୌଦ୍ଧିକ ଆଉ ମାନସିକ ବିକାଶ୍ ଲାଗି ପୁଷ୍ଟିକର ଖାଦ୍ୟର୍

ଆବଶ୍ୟକତା ଉପ୍‌ରେ କାର୍ଯ୍ୟଶାଳାଥି ଆଲୋଚନା କରାଯାଇଥିଲା ।

ସ୍ୱଛତା ହିଁ ସେବା ନୂଆପଡ଼ା/ସୋନ୍‌ପୁର୍

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍‌ର ପାତାଲଗଙ୍ଗା ସଫେଇ କାର୍ଯ୍ୟକ୍ରମ୍ ହେଇଯାଇଛେ । ଆଘର୍ ବିଧାୟକ୍ ବୋଡ଼େନ୍ ସ୍ୱାସ୍ଥ୍ୟକେନ୍ଦ୍ର ନ ଫଲ୍ ବାଂଟ୍‌ବାର୍ ସହେତେ ସ୍ୱଛତା ପକ୍ଷ ପାଲନ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ପରାମର୍ଶ ଦେଇଥିଲେ ।

ସେନ୍ତା ସୋନ୍‌ପୁର୍ ଠାନେ ଷ୍ଟେଟ୍‌ବେଙ୍କ୍ ଅଫ୍ ଇଣ୍ଡିଆ ଆଉ ଅଗ୍ରଣୀ ବେଙ୍କ୍ ତର୍‌ଫୁ ହେଇଥିବା ସ୍ୱଛତା ହିଁ ସେବା ଅଭିଯାନ୍‌ଥି ସୁରେଶ୍ୱରୀ ମନ୍ଦିର୍ ପରିସରକେ ସଫେଇ କରାଯାଇଛେ । ଷ୍ଟେଟ୍‌ବେଙ୍କ୍ ଅଫ୍ ଇଣ୍ଡିଆ- ସୁବର୍ଣ୍ଣପୁର୍ ଶାଖାର ମୁଖ୍ୟ ପରିଚାଳକ ଲକ୍ଷ୍ମଣ୍ କୁମାର୍ ମାଝୀଙ୍କର୍ ନେତୃତ୍ୱଥି ୨୦ ଝନ୍ ବେଙ୍କ୍ କର୍ମଚାରୀ ଇ ସଫେଇ କାମ୍ କରିଥିଲେ ।